# Akashvani, Sambalpur

## SAMBALPURI NEWS EVENING BULLETIN

## 14 August 2024- 7.02 pm- 7.12 pm.

*********************************************

୧- ସ୍ୱାଧୀନତା ଦିବସ୍ ଆଘର୍ ସଞ୍ଝେ ରାଷ୍ଟ୍ରକେ ସମ୍ବୋଧିତ୍ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- କହେଲେ, ଯୁଆନ୍ ପିଢ଼ିର୍ ଶକ୍ତି ଆର୍ ଉତ୍ସାହର୍ ବଲେ ଦେଶ୍ ନୂଆଁ ଶିଖରଥି ପୁହୁଁଚିବା ।

୨- ଦିଲ୍ଲୀର୍ ଐତିହାସିକ୍ ଲାଲ୍କିଲ୍ଲାନୁ ଆଏବା କାଏଲ୍ ଜାତୀୟ ପତାକା ଉତୋଲନ୍ ସାଙ୍ଗେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୩- ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ଉଲ୍ଲେଖନୀୟ ସେବା ଲାଗି ଓଡ଼ିଶାର୍ ୨ ଝନ୍ ପୁଲିସ୍ ଅଧିକାରୀ ପାଏବେ ରାଷ୍ଟ୍ରପତି ପୁଲିସ୍ ପଦକ୍ ଆର୍ ୧୧ ଝନ୍‌କୁ ମିଲ୍‌ବା ପୁଲିସ୍ ପଦକ୍ ।

ରାଷ୍ଟ୍ରପତି- ସମ୍ବୋଧନ୍          ଆର୍ଏନ୍ୟୁ ସମ୍ବଲପୁର

ଦେଶର୍ ଯୁଆନ୍ ପିଢ଼ିର୍ ଶକ୍ତି ଆର୍ ଉତ୍ସାହର୍ ବଲେ ଆମର୍ ଦେଶ୍ ନୂଆଁ ଶିଖରଥି ପୁହୁଁଚିବା ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ସ୍ୱାଧୀନତା ଦିବସ୍ର ଆଘୋନୁ ଆଏଜ୍ ସଞ୍ଜ୍‌ବେଳେ ରାଷ୍ଟ୍ରକେ ସମ୍ବୋଧନ୍ କରିକରି ରାଷ୍ଟ୍ରପତି କହିଛନ୍ ଯେ, ଯୁଆନ୍ ପିଢ଼ିର୍ ମନ୍ ଆର୍ ମସ୍ତିଷ୍କକେ ବିକଶିତ୍ କର୍ବାର୍ଟା ଆମର୍ ପ୍ରାଥମିକତା ଆଏ ।  ଇ ପରିପ୍ରେକ୍ଷୀଥି ୨୦୨୦ ନୁ ମୁଲ୍ ହେଇଥିବା ଜାତୀୟ ଶିକ୍ଷାନୀତିର ନିର୍ଯ୍ୟାସ ପ୍ରକାଶ୍ ପାଏବାର୍ଟା ମୁଲ୍ ହେଇଛେ । ସେନ୍ତା ଯୁବ ପ୍ରତିଭାର୍ ପୁରା ଉପଯୋଗ୍ କର୍ବାର୍ ଲାଗି ସର୍କାର୍ -ଦକ୍ଷତା, ନିଯୁକ୍ତି ଆଉ ଅଲ୍ଗା ସୁଯୋଗ୍ର ସୁବିଧା ଲାଗି ପଦକ୍ଷେପ୍ ନେଇଛନ୍ । ରୋଜ୍ଗାର୍ ଆର୍ ଦକ୍ଷତା ବିକାଶ୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ୫ ଟା ଯୋଜ୍ନା ଜରିଏ ୫ ବଛର୍ ଭିତ୍ରେ ୪ କୋଟି ୧୦ ଲାଖ୍ ଯୁଆନ୍ ପିଢ଼ି ଲାଭ୍ ପାଏବେ । ସର୍କାର୍‌ଙ୍କର୍ ଇ ନୂଆ ପଦକ୍ଷେପ୍ ଅଧୀନ୍‌ଥି ୧ କୋଟି ଯୁଆନ୍ ୫ ବଛର୍ ଭିତ୍ରେ ଭଲ୍ କମ୍ପାନୀମାନ୍‌କେ ଇଂଟନ୍‌ସିପ୍ କର୍ବେ । ଇ ସବୁ ପଦକ୍ଷେପ୍ ବିକଶିତ୍ ଭାରତ୍ ଗଠନ୍ ଦିଗେ ଗୁଟେ ମୌଳିକ୍ ଅବଦାନ୍ ହେବା ବଲି ରାଷ୍ଟ୍ରପତି କହିଛନ୍ । ସେ ଆହୁରି କହିଛନ୍ ଯେ, ଗଲା କେତେ ବଛର୍ ଭିତ୍ରେ ଭାରତ୍ ମହାକାଶ୍ ଗବେଷଣା କ୍ଷେତ୍ର ନ ଅଭୁତପୂର୍ବ ଅଗ୍ରଗତି କରିଛେ ।

ଆଏବା ବଛର୍ ଗଗନ୍ ଯାନ ମିଶନ୍‌ର ଉତ୍କ୍ଷେପଣ୍‌କେ ଉତ୍ସାହଥି ସଭେ ଟାକିକରି ଅଛନ୍ ।

ଯେନ୍‌ଟାକି ଭାରତ୍‌ର ପହେଲା ମାନବ୍ ମହାକାଶ ଯାତ୍ରାଥି ଭାରତୀୟ ମହାକାଶ୍‌ଚାରୀଙ୍କର୍ ଗୁଟେ ଦଲ୍‌କେ ମହାକାଶ୍‌କେ ନେଇକରି ଯିବା ବଲି ରାଷ୍ଟ୍ରପତି କହିଛନ୍ । ସେ ଆହୁରି କହିଛନ୍ ଯେ, ଗଲା ୧୦ ବଛର୍ ଭିତ୍‌ରେ କ୍ରୀଡ଼ା କ୍ଷେତ୍ର ନ ଦେଶ୍ ବହୁତ୍‌ଟେ ଆଗ୍‌କେ ବଢ଼ିଛେ । କ୍ରୀଡ଼ା ଭିତିଭୂମିର୍ ବିକାଶ୍‌କେ ସର୍‌କାର୍ ପ୍ରାଥମିକତା ଦେଉଥିବାର୍ ବେଲେ ଇଟାର୍ ସୁଫଲ୍ ଭିଲ୍ ଦେଖ୍‌ବାର୍‌କେ ମିଲିଛେ । ଏଛେନ୍ ଶେଷ୍ ହେଇଥିବା ପେରିସ୍ ଅଲମ୍ପିକ୍ କ୍ରୀଡ଼ା ନ ଭାରତୀୟ ଦଲ୍ ନିଜର୍ ସର୍ବୋତମ୍ ଚେଷ୍ଟା କରିଥିଲା । ଖେଲାଲୀମାନ୍‌କର୍ ନିଷ୍ଠା ଆର୍ କଠିନ୍ ପରିଶ୍ରମ୍‌କେ ରାଷ୍ଟ୍ରପତି ପ୍ରଶଂସା କରିଛନ୍ । ରାଷ୍ଟ୍ରପତି କହିଛନ୍ ଯେ, ପୁର୍‌ଥିର୍ ୫ ନମ୍ବର୍ ବଡ଼ ଅର୍ଥନୀତିଥି ଭାରତ୍ ଠାନ୍ ପାଇଛେ । ବହୁତ୍‌ଜଲ୍‌ଦି ୩ ଟା ବଡ଼ ଅର୍ଥନୀତି ଭିତ୍‌ରୁ ଗୁଟେ ହେବାର୍‌କେ ଯାଉଛେ । ଇଟା ଖାଲି ଚାଷୀ ଆର୍ ଶ୍ରମିକ୍‌ମାନ୍‌କର୍ ଖୋବ୍‌ଟେ ପରିଶ୍ରମ୍, ନୀତି ନିର୍ମାତା ଆର୍ ଉଦ୍ୟମୀ ମାନ୍‌କର୍ ଦୂରଦୃଷ୍ଟି ଆଉ ଦୂରଦର୍ଶୀ ସମ୍ପନ୍ନ ନେତୃତ୍ୱ ଲାଗି ସମ୍ଭବ୍ ହେଇପାରିଛେ । ସେନ୍ତା ୨୦୨୧ ନୁ ୨୦୨୪ ମସିହା ଭିତ୍‌ରେ ୮ ପ୍ରତିଶତ୍ ଅଭିବୃଦ୍ଧି ହାର ହାସଲ୍ କରିକରି ଭାରତ୍ ସବୁଠାନୁ ଦୃତ ଅଭିବୃଦ୍ଧି ସମ୍ପନ୍ନ ବଡ଼ ଅର୍ଥ ବ୍ୟବସ୍ଥାଥି ପରିଣତ୍ ହେଇଛେ । ଇଟା ହେବାର୍‌ନୁ ଖାଲି ଲୁକ୍‌କର୍ ପାଖେ ଅଏତ୍‌କା ଟଙ୍କା ପୁହୁଁଚିଛେ ସେଟା ନୁହେଁ,

ଦାରିଦ୍ର୍ୟ ସୀମାରେଖା ତଲେ ରହୁଥିବା ଲୁକ୍‌କର୍ ସଂଖ୍ୟା ଭିଲ୍ ବହୁତ୍‌ଟେ କମିଛେ ବଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ ।

ସ୍ୱାଧୀନତା ଦିବସ୍ ସମାରୋହ- ପ୍ରଧାନ୍‌ମନ୍ତ୍ରୀ  ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍  ୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ଅବ୍‌ସରେ ଦିଲ୍ଲୀର୍ ଐତିହାସିକ ଲାଲ୍‌କିଲ୍ଲା ପ୍ରାଚୀରନୁ  ଜାତୀୟ ପତାକା ଉତୋଲନ୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇ ବଛର୍ ସ୍ୱାଧୀନତା ଦିବସ୍‌ର ବିଷେ ହେଉଛେ 'ବିକଶିତ ଭାରତ୍-୨୦୪୭' । ଜନଭାଗିଦାରୀକେ ବଢ଼ାବାର୍ ଉଦ୍ଦେଶ୍ୟେ ଲାଲ୍‌କିଲ୍ଲା ଠାନେ ଇ ସମାରୋହକେ ଆସ୍‌ବାର୍ ଲାଗି ୬ ହଜାର୍ ସ୍ୱତନ୍ତ୍ର ଅତିଥିଙ୍କୁ ନିଉତା ଦିଆଯାଇଛେ । ଇତାର୍‌ଭିତ୍‌ରେ ଯୁଆନ୍ ପିଢ଼ି, ଆଦିବାସୀ ସମ୍ପ୍ରଦାୟ, ଚାଷୀ, ମହିଲା ଆର୍ ଅଲ୍‌ଗା ସ୍ୱତନ୍ତ୍ର ଅତିଥି ମାନେ ରହିଛନ୍ । ଇ ବ୍ୟକ୍ତିବିଶେଷ୍‌ମାନେ ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନା ଆଉ ପ୍ରୋତ୍ସାହନ୍ ସାହାଜ୍‌ଥି ଭିନ୍ ଭିନ୍ କ୍ଷେତ୍ର ନ ଭଲ୍ ପ୍ରଦର୍ଶନ୍ କରିଛନ୍ । ସେନ୍ତା ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାନୁ ପାରମ୍ପାରିକ୍ ପୋଷାକ୍ ପିନ୍ଧିକରି ଆସ୍‌ବାର୍ ଲାଗି ପାଖାପାଖି ୨ ହଜାର୍ ଲୁକ୍‌କୁ ନିଉତା ଦିଆଯାଇଛେ । ଇତାର୍‌ସହେତେ ମାଇ ଗଭ୍ ଆର୍

ଆକାଶ୍‌ବାଣୀର ମିଲିତ ସହଯୋଗ୍‌ଥି ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା ଭିନ୍ ଭିନ୍ ଅନ୍‌ଲାଇନ୍ ପ୍ରତିଯୋଗିତାର୍ ୩ ହଜାର୍ ବିଜେତା ଇ ଉତ୍ସବ୍‌ଥି ସାମିଲ୍ ହେବେ ବଲି ସୂଚ୍‌ନା ମିଲିଛେ । ସେନ୍ତା ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପରେଡ୍ ଅଭିବାଦନ୍ ଗ୍ରହଣ୍ କର୍‌ବେ ।

ମୁଖ୍ୟମନ୍ତ୍ରୀ-ତ୍ରିରଙ୍ଗା ଅଭିଯାନ୍ ପଦଯାତ୍ରା

ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ ପଦଯାତ୍ରାଥି ସାମିଲ୍ ହେଇଛନ୍ । ଇ ପଦଯାତ୍ରା ଆଏଜ୍ ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ଲିଙ୍ଗରାଜ୍ ମନ୍ଦିର୍‌ନୁ ବାହାରିକରି ମୁକ୍ତେଶ୍ୱର୍ ମନ୍ଦିର୍‌ତକ୍ ହେଇଥିଲା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ୍ ଦେଇକରି କହିଛନ୍ ଯେ, ଜାତୀୟ ପତାକା ଆମର୍ ଦେଶ୍ ଲାଗି ବହୁତ୍ ସମ୍ମାନ୍ ଆର୍ ଗରବ୍ ବହନ୍ କର୍‌ସି । ତ୍ରିରଙ୍ଗାର୍ ତିନ୍‌ହି ରଙ୍ଗ୍ ଆମ୍‌କୁ ଶ୍ରଦ୍ଧା ଆର୍ ସୌହାର୍ଦ୍ଦ୍ୟର ଆଦର୍ଶଥି ଅନୁପ୍ରାଣିତ କରିଥିସି । ଜାତୀୟ ପାତାକା ଆମର୍ ସଂକଳ୍ପ, ସଂଘର୍ଷ, ବଳିଦାନ୍ ଆଉ

ତ୍ୟାଗର୍ ପ୍ରେରଣାଦାୟୀ ମୁକସାଖୀ ଆଏ । ଫି’ ଦେଶ୍‌ବାସୀ ଜାତୀୟ ପତାକାକେ ନେଇକରି ଗର୍ବ ଅନୁଭବ୍ କର୍‌ସନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ପଦଯାତ୍ରାଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆର୍ ସାଧାରଣ ଲୋକ୍‌ମାନେ ଯୋଗ୍ ଦେଇଥିଲେ ।

ହର୍‌ଘର୍ ତ୍ରିରଙ୍ଗା ଅଭିଯାନ-ରାଜ୍ୟ

ସମ୍ବଲପୁର/ ସୁବର୍ଣ୍ଣପୁର/ ନୂଆପଡ଼ା/ ବୌଦ୍ଧ

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଅଧୀନ୍‌ଥି ଆଏଜ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମାନ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ଅଧୀନ୍‌ଥି ଆଏଜ୍ ସଖାଲ୍‌ବେଲା ଗୁଟେ ମାରାଥନ୍ ହେଇଥିଲା । ଇ ମାରାଥନ୍ ସମ୍‌ଲେଇ ମନ୍ଦିର୍‌ନୁ ବାହାରିକରି ନେଲ୍‌ସନ୍ ମଣ୍ଡେଲା ଛକ୍‌ତକ୍ ଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ତ୍ରିରଙ୍ଗା ଶୋଭାଯାତ୍ରାଥି ମିଶନ୍ ଶକ୍ତି ସଦସ୍ୟା, ଭିନ୍ ଭିନ୍ ବିଦ୍ୟାଲୟ ଆର୍ ମହାବିଦ୍ୟାଲୟର୍ ଛାତ୍ରଛାତ୍ରୀ ଆଉ ପ୍ରଶାସନିକ

ଅଧିକାରୀମାନେ ଯୋଗ୍ ଦେଇଥିଲେ । ବିଜୁ ପଟ୍ଟନାୟକ୍ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କର୍ ତର୍ଫୁ ହେଇଥିବା ତ୍ରିରଙ୍ଗା ଅଭିଯାନ୍‌ଥି ଜିଲ୍ଲାପାଲ୍ ଅନ୍ୟା ଦାସ ଆର୍ ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଲିନା ପ୍ରଧାନ୍ ସାମିଲ୍ ହେଇଥିଲେ ।

ନୂଆପଡ଼ା ଜିଲ୍ଲାପାଲ୍ କାର୍ଯ୍ୟାଲୟ ଆଗାଡ଼େ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଜାତୀୟ ପତାକା ଦେଖେଇକରି ବାଇକ୍ ରେଲିକେ ଶୁଭାରମ୍ଭ କରିଥିଲେ । ଇ ବାଇକ୍ ରେଲି ନୂଆପଡ଼ା ସହର୍ ବୁଲିକରି ଶଲିହା ଶହୀଦ୍ ସ୍ମୃତି ସ୍ତମ୍ଭ ତକ୍ ପୁହୁଁଚିଥିଲା ।

ସେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା ମହାବିଦ୍ୟାଳୟ ନ ହର୍‌ଘର୍ ତ୍ରିରଙ୍ଗା ଆର୍ 'ମା ପାଇଁ ବୃକ୍ଷଟିଏ' କାର୍ଯ୍ୟକ୍ରମ୍ ହେଇଯାଇଛେ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇଥିଲେ ।

ବୀରତା ଆଉ ସେବା ପଦକ୍ ଏନ୍‌ଏସ୍‌ଡି

୭୮ ନମ୍ବର୍ ସ୍ୱାଧୀନତା ଦିବସ୍ ପାଳନ୍ ହେବାର୍ ଆଘୋନୁ ଦେଶର୍ ୧ ହଜାର୍ ୩୭ ଝନ୍ ପୁଲିସ୍, ଅଗ୍ନିଶମ ବାହିନୀ, ହୋମ୍‌ଗାର୍ଡ଼ ଆର୍ ବେସାମରିକ୍ ସୁରକ୍ଷା ସେବା

କର୍ମଚାରୀଙ୍କୁ ବୀରତା ଆଉ ସେବା ପଦକ୍ ଦିଆଯିବାର୍ ଲାଗି ଘୋଷ୍ନା କରାଯାଇଛେ । ଇଥି ଓଡ଼ିଶାର୍ ୨ ଝନ୍ ପୁଲିସ୍ ଅଧିକାରୀ ସଚ୍ଚିଦାନନ୍ଦ ରଥ ଆଉ ସୁରେଶ୍ ଦେବଦତ ସିଂଙ୍କୁ ରାଷ୍ଟ୍ରପତି ପୁଲିସ୍ ପଦକ୍ ଆର୍ ୧୧ ଝନ୍ ପୁଲିସ୍ ପଦକ୍ ପାଏବାର୍‌କେ ମନୋନୀତ୍ ହେଇଛନ୍ । ବିଶେଷ୍ ଉଲ୍ଲେଖନୀୟ କାମ୍ ଲାଗି ରାଷ୍ଟ୍ରପତି ପଦକ୍ ଆର୍ କର୍ତବ୍ୟନିଷ୍ଠା ଆଉ ମୂଲ୍ୟବାନ୍ ସେବା ଲାଗି ସେବା ପଦକ୍ ଦିଆଯାଏସି । ସ୍ୱରାଷ୍ଟ୍ର ମନ୍ତ୍ରଣାଲୟ ତର୍ଫୁ କୁହାଯାଇଛେ ଯେ, ୨ ଶହ ୧୩ ଝନ୍ ଯବାନ୍‌ଙ୍କୁ ବୀରତା ପଦକ୍ ଲାଗି ବଛାଯାଇଛେ । ୯୪ ଟା ରାଷ୍ଟ୍ରପତି ପଦକ୍ ଭିତ୍‌ରୁ ୭୫ ଟା ପୁଲିସ୍ ସେବା, ୮ ଟା ଅଗ୍ନିଶମ ସେବା, ୮ ଟା ବେସାମରିକ, ପ୍ରତିରକ୍ଷା ଆର୍ ହୋମ୍‌ଗାର୍ଡ଼ ସେବା ଆର୍ ୩ ଟା ସଂଶୋଧନ୍ ସେବାକେ ଦିଆଯିବା । ସେନ୍ତା ୭ ଶହ ୨୯ ଝନ୍ କର୍ମଚାରୀଙ୍କୁ ପ୍ରଶଂସନୀୟ କାମ୍ ଲାଗି ସେବା ପଦକ୍ ଦିଆଯିବା ବଲି ଘୋଷ୍ନା କରାଯାଇଛେ ।

ଉପନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ୯ ଟା ରାଜ୍ୟର୍ ୧୨ ଟା ରାଜ୍ୟସଭା ଆସନ୍‌ଥି ଉପନିର୍ବାଚନ୍ ହେବା । ଇଥିର୍‌ଲାଗି ଆଏଜ୍ ବିଧିବଦ୍ଧ ଭାବେ ବିଜ୍ଞପ୍ତି ବାହାରିଛେ । ଇତାର୍ ଭିତ୍‌ରେ ଓଡ଼ିଶାର୍ ଗୁଟେ ଆସନ୍ ରହିଛେ । ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ତାରିଖ୍

ଆଏବା ୨୧ ତାରିଖ ରହିଛେ। ୨୨ ତାରିଖ୍ ଦିନ ପ୍ରାର୍ଥୀପତ୍ର ଦାଖଲ୍ କରାଯିବା। ଆଉ ୨୭ ତାରିଖ୍‌ତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କରାଯାଇପାର୍‌ବା। ଆଏବା ମାସ ୩ ତାରିଖ୍ ଦିନ ନିର୍ବାଚନ୍ ହେବା ବଲି ସୂଚ୍‌ନା ମିଲିଛେ।

ନୂଆଁ ରେଲ୍‌ଲାଇନ୍ ଟ୍ରାଏଲ୍ ରନ୍ ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଆର୍ ବୌଦ୍ଧ ଭିତ୍‌ରେ ତିଆର୍ ହେଇଥିବା ନୂଆଁ ରେଲ୍‌ଲାଇନ୍‌ଥି ଆଏଜ୍ ରେଲ୍ ଇଞ୍ଜିନ୍‌ର ଟ୍ରାଏଲ୍ ରନ୍ କରାଯାଇଛେ। ଇ ଇଞ୍ଜିନ୍‌କେ ଦକ୍ଷିଣ ପୂର୍ବାଂଚଲ୍ ସର୍କଲ୍ ରେଲ୍ ବିଭାଗ୍‌ର ଅଧିକାରୀ ଆର୍ ଯନ୍ତ୍ରୀମାନେ ସ୍ୱାଗତ୍ କରିଥିଲେ। ସୁବର୍ଣ୍ଣପୁର୍ ଜିଲ୍ଲାର୍ ତେଲ୍‌ନଦୀ ପୋଲ୍ ଦେଇକରି ଜିଲ୍ଲାର୍ ମନମୁଣ୍ଡା ପୁରୁଣାପାଣି ଷ୍ଟେସନ୍‌କେ ପହେଲା ଖେପେ ରେଲ୍ ଇଞ୍ଜିନ୍ ଟ୍ରାଏଲ୍ ରନ୍ ହେଇଛେ।

ଶ୍ରୀମନ୍ଦିର୍ -ଝୁଲନ୍ ଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଝୁଲନ୍ ଯାତ୍ରା ମୁଲ୍ ହେଇଛେ। ଶ୍ରାବଣ ଉଜଲ୍ ପଖର୍ ଦଶ୍‌ମୀ ତିଥିନୁ ଇ ଯାତ୍ରା ମୁଲ୍ ହେଇକରି ଭୁଦୋ ମାସ୍ ଅନ୍ଧାର୍ ପଖ୍ ର ପ୍ରତିପଦା ତକ୍ ୭ ଦିନ୍ ଧରିକରି ଚାଲ୍‌ବା। ଶ୍ରୀକ୍ଷେତ୍ରର୍ ଭିନ୍ ଭିନ୍ ମଠ ନ

ଝୁଲନ୍ ଯାତ୍ରା ହେସି । ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ ମଧ୍ୟାହ୍ନ ଧୂପ ଉତ୍ରୁ ଶ୍ରୀଦେବୀ, ଭୂଦେବୀ ଆର୍ ମଦନ୍ ମୋହନ୍ ମୁକ୍ତମଣ୍ଡପ୍ ନ ହେଇଥିବା ଝୁଲଣ ମଣ୍ଡପ୍କେ ବିଜେ କରିଛନ୍ ।

ରାଜ୍ୟ- ୫ ମହାବଳ ବାଘ ଆର୍ଏନ୍ୟୁ/ କଟକ୍

ରାଜ୍ୟକେ ଆଏବା ସେପ୍ଟେମ୍ବର୍ ମାସ୍ତକ୍ ୫ ଟା ମହାବଳ ବାଘ୍ ଆସ୍ବେ ବଲି ବନ୍ୟପ୍ରାଣୀ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ନନ୍ଦ କହିଛନ୍ । ସେ କହିଛନ୍ ଯେ, ବର୍ଗଡ୍ର ଡେବ୍ରିଗଡ଼୍ ନ ୩ ଟା ଆର୍ ଶିମିଲିପାଲ୍ ନ ୨ ଟା ମହାବଳ ବାଘ୍ ଛଡ଼ାଯିବା । ଇଥିର୍‌ଲାଗି ବାଘ୍ ଚିହ୍ନଟ୍ କରାଯାଇକରି ଆଇନ୍‌ଗତ ପ୍ରକ୍ରିୟା ଶେଷ୍ ହେଇଛେ ବଲି ଶ୍ରୀ ନନ୍ଦ କହିଛନ୍ । ସେନ୍ତା ଚଲ୍‌ତି ମାସ୍ ଶେଷ୍ତକ୍ ଆନିମଲ୍ ଏକ୍ସଚେଞ୍ଜ୍ ପ୍ରୋଗ୍ରାମ୍‌ଥି ଅଲିପୁର୍ ଚିଡ଼ିଆଖାନାନୁ ନନ୍ଦନକାନନ୍ ପ୍ରାଣୀ ଉଦ୍ୟାନ୍‌କେ ୨ ଟା ଜିରାଫ୍ ଅନାଯିବା ।

ସୁପ୍ରିମ୍‌କୋର୍ଟ-ଖଣି ଟିକସ ଆଦାୟ ଆର୍ଏନ୍ୟୁ/ କଟକ୍

ଖଣିଜ ଅଧିକାର୍ ଉପ୍ରେ ବାକିଥିବା ଟିକସ୍ ଆଦାୟ ରାଜ୍ୟ ସର୍କାର୍ କରିପାର୍ବେ ବଲି ସୁପ୍ରିମ୍‌କୋର୍ଟ ଫଟିକ୍ କରିଛନ୍ । ଇ ବାବ୍‌ଦେ ଗୁଟେ ମାମ୍‌ଲାର୍ ଶୁଣାଣି କରିକରି

ସୁପ୍ରିମ୍‌କୋର୍ଟ କହିଛନ୍ ଯେ, ଇ ବାକିଥିବା ଟିକସ୍ ୨୦୦୫ ମସିହା ଏପ୍ରିଲ୍ ମାସର୍ ୧ ତାରିଖ୍‌ତକ୍ ଆଦାୟ କରାଯାଇପାର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀର୍ ପ୍ରଭାବ୍‌ଥି ବର୍ଷା ଲାଗି ରହିଛେ । ଆଏବାକାଏଲ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ବର୍‌ଗଡ଼୍, ସୋନ୍‌ପୁର୍, କଲାହାଣ୍ଡି, ବୌଦ୍ଧ ସହେତେ ୧୯ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।